# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**1 June - 2024**

**News Editor : Tapan Kumar Maharana**

***********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ଅପରାହ୍ଣ ଗୋଟାଏ ସୁଦ୍ଧା ୩୭ ଦଶମିକ ୬/୪ ପ୍ରତିଶତ ମତଦାନ
- ପ୍ରସିଦ୍ଧ କଣ୍ଢେଇ ନୃତ୍ୟଗୁରୁ ପଦ୍ମଶ୍ରୀ ମାଗୁଣୀ ଚରଣ କୁଅଁରଙ୍କ ପରଲୋକ; ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଶୋକ ପ୍ରକାଶ
- ପୁରୀ ବାଣ ବିସ୍ଫୋରଣ ଘଟଣାର ତଦନ୍ତ ପାଇଁ ଆସନ୍ତା ୫ ତାରିଖରେ ବସିବ ତଦନ୍ତ କମିଟି ବୈଠକ

ଏବଂ

- ବ୍ୟବସାୟିକ ଏଲ୍‌ପିଜି ଦର ସିଲିଣ୍ଡର ପିଛା ଅଣସ୍ତରୀ ଟଙ୍କା ୫୦ ପଇସା ହ୍ରାସ

# ଦେଶର ସପ୍ତମ ପର୍ଯ୍ୟାୟ ନିର୍ବାଚନ

ଦେଶର ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଲାଗି ମତଦାନ ଜାରି ରହିଛି । ୭ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ମୋଟ୍ ୫୭ଟି ଲୋକସଭା ଆସନରେ ଭୋଟରମାନେ ଭୋଟ ଦେଉଛନ୍ତି । ନିର୍ବାଚନ ଆୟୋଗଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଅପରାହ୍ନ ଗୋଟାଏ ସୁଦ୍ଧା ୪୦ ଦଶମିକ ୦/୯ ପ୍ରତିଶତ ମତଦାନ ହୋଇଛି। ଏହି ପର୍ଯ୍ୟାୟରେ ୯୦୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେମାନଙ୍କ ମଧ୍ୟରେ ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଅନୁରାଗ ଠାକୁର, ରବିଶଙ୍କର ପ୍ରସାଦ ଏବଂ କଙ୍ଗନା ରାନାୱତ୍, କଂଗ୍ରେସ୍‌ର ମନୀଷ ତିୱାରୀ ଏବଂ ବିକ୍ରମାଦିତ୍ୟ ସିଂ, ଆରଜେଡ଼ିର ମିଶା ଭାରତୀ ଏବଂ ତୃଣମୂଳ କଂଗ୍ରେସର ଅଭିଷେକ ବାନାର୍ଜୀ ଅଛନ୍ତି। ଏହି ପର୍ଯ୍ୟାୟରେ ୧୦ କୋଟି ୬୦ ଲକ୍ଷରୁ ଅଧିକ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରୁଛନ୍ତି।

# ଓଡ଼ିଶା ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ

ରାଜ୍ୟର ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ନିର୍ବାଚନରେ ୮ଟି ଜିଲ୍ଲାର ଭୋଟରମାନେ ଆଜି ସକାଳ ୭ଟାରୁ ବିଭିନ୍ନ ଭୋଟ୍ କେନ୍ଦ୍ରଗୁଡ଼ିକରେ ମତଦାନ କରୁଛନ୍ତି। ରାଜ୍ୟର ୬ଟି ଲୋକସଭା ଆସନ କେନ୍ଦ୍ରାପଡ଼ା, ଭଦ୍ରକ, ଜଗତ୍‌ସିଂହପୁର, ମୟୂରଭଞ୍ଜ, ବାଲେଶ୍ୱର ଓ ଯାଜପୁର ଏବଂ ଏହି ଆସନ ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ପାଇଁ ନିର୍ବାଚନ ହେଉଛି। ଏହି

ପର୍ଯ୍ୟାୟରେ ୬ଟି ସଂସଦୀୟ କ୍ଷେତ୍ର ପାଇଁ ୬୬ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ୪୨ଟି ବିଧାନସଭା ଆସନ ପାଇଁ ୪୯୪ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଆଜି ମୋଟ ୧୦ ହଜାର ୮୮୨ଟି ମତଦାନ କେନ୍ଦ୍ରରେ ୯୯ ଲକ୍ଷ ୬୧ ହଜାର ୫୭ ଜଣ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରୁଛନ୍ତି।

ଚତୁର୍ଥ ପର୍ଯ୍ୟାୟ ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ରାଜ୍ୟ ପ୍ରଶାସନ ଓ ନିର୍ବାଚନ କମିଶନଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୂଚନା ଦେଇ କହିଛନ୍ତି, ଯେଉଁ ବୁଥ୍‌ରେ ଇଭିଏମ୍‌ରେ ତ୍ରୁଟି ଦେଖା ଦେଇଥିଲା ସେଠାରେ ଇଭିଏମ୍ ପୁନଃସ୍ଥାପନ କରାଯାଇଛି ଏବଂ ଶୃଙ୍ଖଳିତ ଭାବେ ମତଦାନ ଜାରି ରହିଛି। ଅପରପକ୍ଷେ ଭାରତୀୟ ନିର୍ବାଚନ କମିଶନଙ୍କ ୱେବସାଇଟରୁ ମିଳିଥିବା ସୂଚନା ଅନୁଯାୟୀ, ଅପରାହ୍ଣ ୧ଟା ସୁଦ୍ଧା ରାଜ୍ୟରେ ୩୭ ଦଶମିକ ୬/୪ ପ୍ରତିଶତ ମତଦାନ ହୋଇଛି ।

ନିର୍ବାଚନ ଆୟୋଗଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଭଦ୍ରକରେ ୩୬ ଦଶମିକ ୬/୪, ବାଲେଶ୍ୱରରେ ୪୦ ଦଶମିକ ୭/୧, ଜଗତ୍‌ସିଂହପୁରରେ ୩୮ ଦଶମିକ ୮/୨, ଯାଜପୁରରେ ୩୩ ଦଶମିକ ୯/୬, କେନ୍ଦ୍ରାପଡାରେ ୩୫ ଦଶମିକ ୮/୪ ଓ ମୟୂରଭଞ୍ଜରେ ୪୦ ଦଶମିକ ୦/୯ ପ୍ରତିଶତ ଭୋଟ୍‌ଗ୍ରହଣ ହୋଇଛି।

**ଯାଜପୁର** ଜିଲ୍ଲାରେ ଆଜି ସକାଳୁ ୧ ହଜାର ୬୩୭ଟି ଭୋଟଗ୍ରହଣ କେନ୍ଦ୍ରରେ ଶାନ୍ତିପୂର୍ଣ୍ଣ ଭାବରେ ମତଦାନ ଜାରି ରହିଛି।  ଜିଲ୍ଲାର ଗୋଟିଏ ଲୋକସଭା ଓ ୭ଟି ବିଧାନସଭା ଆସନ ପାଇଁ ୭୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି।  ଜିଲ୍ଲାରେ କଡା ସୁରକ୍ଷା ବ୍ୟବସ୍ଥା ସ୍ୱରୂପ ୨୧ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ କରାଯାଇଛି। ସେଠାରେ ନିର୍ବାଚନର ସ୍ଥିତି ସମ୍ପର୍କରେ ଆମ ସମ୍ବାଦଦାତା ପ୍ରିୟ ରଂଜନ କରଙ୍କ ରିପୋର୍ଟ....

**- V/O -**

**ଭଦ୍ରକ** ଜିଲ୍ଲାରେ ଗୋଟିଏ ଲୋକସଭା ଏବଂ ୫ଟି ବିଧାନସଭା ମଣ୍ଡଳୀ ପାଇଁ ଆଜି ହେଉଥିବା ନିର୍ବାଚନରେ ୫୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି। ଜିଲ୍ଲାର ୧ ହଜାର ୩୧୨ଟି ବୁଥ୍‌ରେ ଶାନ୍ତିଶୃଙ୍ଖଳାର ସହ ମତଦାନ ଚାଲିଥିବା ଆମ ସମ୍ବାଦଦାତା ଅଶୋକ କୁମାର ନାୟକ ଜଣାଇଛନ୍ତି....

**- V/O -**

**କେନ୍ଦ୍ରାପଡ଼ା**ରେ ୧ ହଜାର ୪୪୫ଟି ବୁଥ୍‌ରେ ମତଦାନ ପ୍ରକ୍ରିୟା ଶୃଙ୍ଖଳିତ ଭାବରେ ଚାଲିଛି। ଗୋଟିଏ ଲୋକସଭା ଆସନ ଏବଂ ୫ଟି ବିଧାନସଭା ଆସନ ପାଇଁ ୫୦ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସଖି ବୁଥ୍, ଦିବ୍ୟାଙ୍ଗ ବୁଥ୍, ଯୁବ ବୁଥ୍ ଏବଂ ପ୍ରସଙ୍ଗଭିତ୍ତିକ ବୁଥ୍‌ରେ ଉତ୍ସାହର ସହ ମତଦାନ ଚାଲିଛି। ସେଠାକାର ନିର୍ବାଚନ ସ୍ଥିତି ସମ୍ପର୍କରେ ଆମ ସମ୍ବାଦଦାତା ନିହାର ରଞ୍ଜନ ସାହୁଙ୍କ ରିପୋର୍ଟ....

**- V/O -**

ଆଜି ହେଉଥିବା ନିର୍ବାଚନରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ୍ନିର୍ବାଚନ ଆୟୋଗ ଏବଂ ସମ୍ପୃକ୍ତ ଜିଲ୍ଲାପ୍ରଶାସନଗୁଡ଼ିକ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରତ୍ୟେକ ଭୋଟଗ୍ରହଣ କେନ୍ଦ୍ରରେ ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ରଛାତ୍ରୀମମାନଙ୍କୁ ସ୍ୱେଚ୍ଛାସେବୀ ଭାବେ ବୟସ୍କ ଏବଂ ଦିବ୍ୟାଙ୍ଗ ଭୋଟରମାନଙ୍କୁ ସହାୟତା ଲାଗି ନିୟୋଜିତ କରାଯାଇଛି। ଏହା ବ୍ୟତୀତ ଜଳଛତ୍ର ଓ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ସହ ଓଆରଏସ୍-ଔଷଧ ଆଦି ମହଜୁଦ୍ ରଖାଯାଇଛି।

## ପରଲୋକ

କେନ୍ଦୁଝରର ପ୍ରସିଦ୍ଧ କଣ୍ଢେଇ ନୃତ୍ୟଗୁରୁ ପଦ୍ମଶ୍ରୀ ମାଗୁଣି ଚରଣ କୁଅଁରଙ୍କର ୮୮ ବର୍ଷ ବୟସରେ ଆଜି ପରଲୋକ ଘଟିଛି। ସେ ଦୀର୍ଘଦିନରୁ ଅସୁସ୍ଥ ହୋଇ ଚିକିତ୍ସି ହେଉଥିଲେ। କିଛିଦିନ ପୂର୍ବେ ସେ କେନ୍ଦୁଝର ପୌରପାଳିକା ସ୍ଥିତ ପୁରୁଣା ସହରରେ ଥିବା ନିଜ ବାସଭବନକୁ ଫେରିଥିଲେ। କାଠିକଣ୍ଢେଇ ନୃତ୍ୟ ପାଇଁ ମାଗୁଣୀ ଚରଣ କୁଅଁରଙ୍କୁ ୨୦୨୩ ମସିହାରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେ ମଧ୍ୟ କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ସମ୍ମାନ, ଉପେନ୍ଦ୍ର ଭଞ୍ଜ ସମ୍ମାନ ଏବଂ ରୁଚିବୁଦ୍ଧ ସମ୍ମାନରେ ସମ୍ମାନିତ ହୋଇଥିଲେ। ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି।

ପଦ୍ମଶ୍ରୀ ମାଗୁଣି ଚରଣ କୁଅଁରଙ୍କ ବିୟୋଗରେ **ରାଷ୍ଟ୍ରପତି** ଦ୍ରୌପଦୀ ମୁର୍ମୁ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଟୁଇଟ୍ ବାର୍ତ୍ତାରେ ରାଷ୍ଟ୍ରପତି କହିଛନ୍ତି, ସେ ଛାଡ଼ିଯାଇଥିବା ପଦଚିହ୍ନ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ।

**ରାଜ୍ୟପାଳ** ରଘୁବର ଦାସ ପଦ୍ମଶ୍ରୀ ମାଗୁଣି ଚରଣ କୁଅଁରଙ୍କ ବିୟୋଗରେ ଦୁଃଖ ପ୍ରକାଶ କରି କହିଛନ୍ତି, କଣ୍ଢେଇ ନାଚକୁ ବିଶ୍ୱ ବଜାରରେ ସ୍ୱତନ୍ତ୍ର ପରିଚୟ ଦେବାରେ ତାଙ୍କ ଯୋଗଦାନ ସର୍ବଦା ସ୍ମରଣୀୟ ହୋଇ ରହିବ।

**ମୁଖ୍ୟମନ୍ତ୍ରୀ** ନବୀନ ପଟ୍ଟନାୟକ ପଦ୍ମଶ୍ରୀ ମାଗୁଣି ଚରଣ କୁଅଁରଙ୍କ ବିୟୋଗରେ ଶୋକ ପ୍ରକାଶ କରି କହିଛନ୍ତି, ଓଡ଼ିଶାର ଲୁପ୍ତ ପ୍ରାୟ କଣ୍ଢେଇ ନାଚ ପରମ୍ପରାକୁ ଉଜ୍ଜୀବିତ କରି ରଖିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଓଡ଼ିଶାର ପାରମ୍ପରିକ କଳା ଜଗତ ପାଇଁ ଏହା ଏକ ଅପୂରଣୀୟ କ୍ଷତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**କେନ୍ଦ୍ରମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ ଏକ ଟୁଇଟ୍ ବାର୍ତ୍ତାରେ ଦୁଃଖପ୍ରକାଶ କରି କହିଛନ୍ତି, ଓଡ଼ିଶାର ପ୍ରାଚୀନ କଳା ତଥା କାଠ କଣ୍ଢେଇ ନୃତ୍ୟକଳାକୁ ବଂଚାଇ ରଖିବା ଦିଗରେ ତାଙ୍କର ପ୍ରତିବଦ୍ଧତା ଅବର୍ଣ୍ଣନୀୟ। ତାଙ୍କର ଅବଦାନ ଚିର ସ୍ମରଣୀୟ ହୋଇ ରହିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

## ନରେନ୍ଦ୍ର ପୁଷ୍କରିଣୀ-ଅଗ୍ନିକାଣ୍ଡ

ପୁରୀ ନରେନ୍ଦ୍ର ପୁଷ୍କରିଣୀଠାରେ ଭଉଁରୀ ଯାତ୍ରା ସମୟରେ ବାଣ ବିସ୍ଫୋରଣ ଜନିତ ଅଗ୍ନିକାଣ୍ଡ ଦୁର୍ଘଟଣାର ତଦନ୍ତ ଲାଗି  ରାଜ୍ୟ ଗୃହ ବିଭାଗର ନିର୍ଦ୍ଦେଶ ପରେ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ୍ କମିଶନର ପଦ୍ମନାଭ ବେହେରା ପୁରୀ ଜିଲାପାଳଙ୍କୁ ଏ ସମ୍ପର୍କିତ ନିର୍ଦ୍ଦେଶନାମା ଜାରି କରିଛନ୍ତି। ନିର୍ଦ୍ଦେଶନାମା ଅନୁଯାୟୀ, ଆସନ୍ତା ୫ ତାରିଖ ଅପରାହ୍ଣ ୩ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ପୁରୀ ସ୍ୱତନ୍ତ୍ର ସର୍କିଟ୍ ହାଉସ୍‌ରେ ଏହି ଘଟଣାର ତଦନ୍ତ କରାଯିବ। ଏଥିରେ ମନ୍ଦିର ପ୍ରଶାସନ, ପୁଲିସ୍ ଅଧିକ୍ଷକ, ପୁରୀ ସହକାରୀ ଅଗ୍ନିଶମ ଅଧିକାରୀ, ପ୍ରତ୍ୟକ୍ଷଦର୍ଶୀ ଏବଂ ଘଟଣା ସମ୍ପର୍କରେ ଜାଣିଥିବା ଲୋକଙ୍କୁ ଏହି ତଦନ୍ତ ସମୟରେ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି।

ଅନ୍ୟପକ୍ଷରେ, ଏହି ବିସ୍ଫୋରଣ ଘଟଣାରେ ମୃତ୍ୟୁସଂଖ୍ୟା ୮କୁ ବୃଦ୍ଧି ପାଇଛି। ଆଜି ଚିକିତ୍ସାଧିନ ଅବସ୍ଥାରେ ଆଉ ଦୁଇଜଣଙ୍କ ମୃତ୍ୟୁ ଘଟିଛି।

## ଅସ୍ୱାଭାବିକ ମୃତ୍ୟୁ

ରାଉରକେଲାରେ ଅସ୍ୱାଭାବିକ କାରଣ ଜନିତ ମୃତ୍ୟୁ ସଂଖ୍ୟା ୧୮କୁ ବୃଦ୍ଧି ପାଇଛି ବୋଲି ଅତିରିକ୍ତ ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଦୁଇ ଦିନରେ ଏମାନଙ୍କର ମୃତ୍ୟୁ ହୋଇଥିବା ସେ କହିଛନ୍ତି। ୧୮ ଜଣଙ୍କ ମଧ୍ୟରୁ ୮ଜଣଙ୍କର ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ମୃତ୍ୟୁ ହୋଇଥିବା ଜଣାପଡିଛି। ଆଜି ସଂନ୍ଧ୍ୟାରେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ, ୧୦ ଜଣଙ୍କ ମଧ୍ୟରୁ ସରକାରୀ ହସ୍ପିଟାଲରେ ୫ ଜଣଙ୍କର ଓ ଘରୋଇ ହସ୍ପିଟାଲରେ ୫ ଜଣଙ୍କର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଥିବା ସେ ସ୍ପଷ୍ଟ କରିଛନ୍ତି।

## ଏଲ୍‌ପିଜି ପ୍ରାଇସ୍

ତୈଳ ବିପଣନ କମ୍ପାନୀଗୁଡ଼ିକ ବ୍ୟବସାୟିକ ଏଲ୍‌ପିଜି ଦର ସିଲିଣ୍ଡର ପିଛା ଅଣସ୍ତରୀ ଟଙ୍କା ୫୦ ପଇସା ହ୍ରାସ କରିଛନ୍ତି। ଭାରତୀୟ ତୈଳ ନିଗମ ଲିମିଟେଡ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗ୍ୟାସ୍ ସିଲିଣ୍ଡର ପିଛା ଖୁଚୁରା ଦର ଦିଲ୍ଲୀରେ ୧ ହଜାର ୬୭୬ ଟଙ୍କା ଥିବା କହିଛି। ଏହି ବ୍ୟବସାୟିକ ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟ କୋଲକାତାରେ ୭୨ ଟଙ୍କା, ମୁମ୍ବାଇରେ ଅଣସ୍ତରୀ ଟଙ୍କା ୫୦ ପଇସା ଓ ଚେନ୍ନାଇରେ ୭୦ ଟଙ୍କା ୫୦ ପଇସା ହ୍ରାସ ପାଇଛି। ଆଜିଠାରୁ ଏହି ଦର ଲାଗୁ ହୋଇଛି। ସେହିଭଳି ବେସାମରିକ ବିମାନ ଇନ୍ଧନର ଦର ମଧ୍ୟ ୬ ଦଶମିକ ୫ ପ୍ରତିଶତ ହ୍ରାସ ପାଇଛି।

*********************************